ବ୍ୟବସାୟଭିତ୍ତିକ ଛତୁଚାଷ

ଆଲେଖ୍ୟ:

ଶ୍ରୀମତୀ ସସ୍ମିତା ପାଲ, ବୈଜ୍ଞାନିକ (ଗୃହ ବିଜ୍ଞାନ)

ଡ. ମୟୁରୀ ସିଂ ସରଦାର, ବୈଜ୍ଞାନିକ (କୃଷି ସଂପ୍ରସାରଣ)

ସଂପାଦନା:

ଶ୍ରୀ ତପନ କୁମାର ଦାସ

ବରିଷ୍ଠ ବୈଜ୍ଞାନିକ ଏବଂ ମୁଖ୍ୟ, କୃଷି ବିଜ୍ଞାନ କେନ୍ଦ୍ର, ବୌଦ୍ଧ

ପ୍ରକାଶକ:

କୃଷି ବିଜ୍ଞାନ କେନ୍ଦ୍ର, ବୌଦ୍ଧ

ପ୍ରଥମ ପ୍ରକାଶନ : ଡିସେମ୍ବର, ୨୦୨୩

ମୁଦ୍ରଣ:

ଅଙ୍କିତା ଗ୍ରାଫିକ୍ସ, ଭୁବନେଶ୍ୱର, ଫୋନ୍ ୯୪୩୭୦୭୭୩୩୭

**BYABASAYABHITTIKA CHATUCHASHA**

**By**

**Mrs. Sasmita Pal,** Scientist (Home Science)

**Dr. Mayuri Singh Sardar,** Scientist (Agril. Extn.)

**Editor**

**Mr. Tapan Kumar Das**

Sr. Scientist and Head

Krishi Vigyan Kendra, Boudh

**Published by**

Krishi Vigyan Kendra, Boudh

**First Edition** : December, 2023

**Printed by**

Ankita Graphics, Bhubaneswar.

Cell : 9437077337 / saroj77337@gmail.com





# ବ୍ୟବସାୟଭିତ୍ତିକ ଛତୁଚାଷ

## ଛତୁଚାଷର ଆବଶ୍ୟକତା

**ସ୍ୱାଦ :** ପ୍ରାଚୀନ କାଳରୁ ଏକ ସ୍ୱାଦିଷ୍ଟ ଓ ରୁଚିକର ଖାଦ୍ୟ ଭାବରେ ଛତୁର ଆଦର ରହି ଆସିଛି। ଚମତ୍କାର ସ୍ୱାଦ ପାଇଁ ବର୍ତ୍ତମାନ ବିଭାଘର ଭୋଜିଭାତ ଓ ଅନ୍ୟାନ୍ୟ ସାମାଜିକ ଉତ୍ସବମାନଙ୍କରେ ଛତୁ ତିଆରି ବ୍ୟଞ୍ଜନର ଆଦର ଅଧିକ। ନିରାମିଷ ଲୋକଙ୍କର ପ୍ରିୟ ଖାଦ୍ୟ ହେଉଛି ଛତୁ। ଛତୁ ପ୍ରସ୍ତୁତ ଛତୁ ପକୋଡ଼ା, ଛତୁ ଚାଉମିନ୍, ଛତୁ ବେସର, ପତ୍ରପୋଡ଼ା, ସୁପ୍, ଶସ୍, ଆମ୍ଲେଟ୍, ଛତୁ ପିଜା, ଚିଲି ମସରୁମ୍ ଲୋକମାନଙ୍କ ଦ୍ୱାରା ଅତ୍ୟନ୍ତ ଆଦୃତ। ଛତୁରୁ କିପରି ଭାବରେ ସୁନ୍ଦର ଓ ରୁଚିପୂର୍ଣ୍ଣ ବ୍ୟଞ୍ଜନ ପ୍ରସ୍ତୁତ କରାଯାଇପାରିବ ସେ ବିଷୟରେ ବିଭିନ୍ନ ସରକାରୀ ଓ ବେସରକାରୀ ଅନୁଷ୍ଠାନ ପକ୍ଷରୁ ତାଲିମ ଦେବାର ବ୍ୟବସ୍ଥା କରାଗଲାଣି।

**ଖାଦ୍ୟରେ ଛତୁର ଆବଶ୍ୟକତା :** ଛତୁ ଏକ ଉନ୍ନତ ପୁଷ୍ଟିସାର ଯୁକ୍ତ ଖାଦ୍ୟ। ଏହା କମ୍ ଖର୍ଚ୍ଚ ଓ ପରିଶ୍ରମରେ ଉତ୍ପାଦିତ ହେଉଥିବାରୁ ଜାତିସଂଘର ଖାଦ୍ୟ ଓ କୃଷି ସଂସ୍ଥା ଶ୍ୱେତସାର ଜାତୀୟ ପଦାର୍ଥ ଉପରେ ଅଧିକ ନିର୍ଭରଶୀଳ। ଭାରତ ପରି ବିକାଶଶୀଳ ଦେଶରେ ବସବାସ କରୁଥିବା ଲୋକମାନଙ୍କ ଖାଦ୍ୟରେ ଛତୁର ବ୍ୟବହାର ପାଇଁ ସୁପାରିସ କରିଛନ୍ତି। ଏହା ପାରମ୍ପରିକ ପୁଷ୍ଟିସାର ଖାଦ୍ୟର ବିକଳ୍ପ। ଗରିବ ଲୋକମାନଙ୍କ ହାତ ପାଆନ୍ତାରେ ଏହା ସହଜରେ ଉପଲବ୍ଧ ହେଉଥିବାରୁ ଛତୁକୁ ଗରିବର ମାଂସ ବୋଲି କୁହାଯାଇଥାଏ। ତଟକା ଛତୁରେ ପ୍ରାୟ ୫ ଗ୍ରାମ୍

ପର୍ଯ୍ୟନ୍ତ ପୁଷ୍ଟିସାର ଥାଏ। ଏହାଛଡ଼ା ଛତୁରେ ଶରୀର ପାଇଁ ଦରକାରୀ ବିଭିନ୍ନ ଧାତବ ଲବଣ, ଜୀବସାର ଓ ଅନ୍ୟାନ୍ୟ ପୋଷକ ଗୁଣ ରହିଛି।

**ଛତୁର ଔଷଧୀୟ ଗୁଣ :** ଚମତ୍କାର ଖାଦ୍ୟଗୁଣ ସହିତ ଛତୁ ଔଷଧୀୟ ଗୁଣରେ ଭରପୂର। ହୃଦ୍‌ରୋଗୀ, ବହୁମୂତ୍ର ରୋଗୀ, ଉଚ୍ଚ ରକ୍ତଚାପ ରୋଗୀ, କୋଷ୍ଠକାଠିନ୍ୟ ରୋଗୀ, ଅମ୍ଳରୋଗୀ, ସ୍ଥୂଳକାୟ ବ୍ୟକ୍ତି ତଥା ଶିଶୁ, ବୟସ୍କ ଓ ଗର୍ଭବତୀ ମହିଳାମାନଙ୍କ ପାଇଁ ଛତୁ ଏକ ଉତ୍ତମ ଖାଦ୍ୟ। ଧିଙ୍ଗିରୀ ଛତୁରେ କର୍କଟ ରୋଗ ପ୍ରତିରୋଧକ ଶକ୍ତି ରହିଛି।

**ଛତୁଚାଷ ଏକ ଲାଭଜନକ ବ୍ୟବସାୟ :** ଶସ୍ୟ ଜାତୀୟ ଫସଲ, ପନିପରିବା ଚାଷ, କୃଷିଭିତ୍ତିକ ଶିଳ୍ପ ଇତ୍ୟାଦି ତୁଳନାରେ ଛତୁ ଚାଷରେ ଖୁବ୍ କମ୍ ମୂଳଧନର ଆବଶ୍ୟକତା ପଡ଼େ ଓ ଅପେକ୍ଷାକୃତ କମ୍ ସମୟ ମଧ୍ୟରେ ଅଧିକ ଲାଭ ମିଳେ। ଗୋଟିଏ ପାଳ ଛତୁ ବେଡ ବା ଭାଡ଼ି ପାଇଁ ୬୦ ଟଙ୍କା ଖର୍ଚ୍ଚ କରି ସେଥିରୁ ୧୫ରୁ ୨୦ ଦିନ ମଧ୍ୟରେ ପ୍ରାୟ ଏକ କିଲୋଗ୍ରାମ ଛତୁ ଉତ୍ପନ୍ନ କରାଯାଏ, ଯାହାକୁ ବଜାରେ କିଲୋଗ୍ରାମ ପ୍ରତି ୧୨୦ ଟଙ୍କା ହିସାବରେ ବିକ୍ରୟ କଲେ ୬୦ ଟଙ୍କା ପର୍ଯ୍ୟନ୍ତ ଲାଭ ମିଳିଥାଏ। ସେହିପରି ଧିଙ୍ଗିରୀ ଛତୁରେ ବ୍ୟାଗ ପ୍ରତି ୨୫ ଟଙ୍କା ପର୍ଯ୍ୟନ୍ତ ଖର୍ଚ୍ଚ କରି ବ୍ୟାଗ ପ୍ରତି ୧.୫ କିଲୋଗ୍ରାମ ଛତୁ ଆଦାୟ କରି ତାକୁ ବଜାରରେ କିଲୋଗ୍ରାମ୍ ପ୍ରତି ୫୦ ଟଙ୍କାରେ ବିକ୍ରି କଲେ ସମୁଦାୟ ୭୫ ଟଙ୍କା ମିଳେ ଓ ଖର୍ଚ୍ଚ ବାଦ ଯାଇ ୫୦ ଟଙ୍କା ଲାଭ ହୋଇଥାଏ।

**ଖୁବ୍ କମ୍ ଜାଗାର ଆବଶ୍ୟକତା :** ଗୋଟିଏ ହେକ୍ଟର ଜମିରୁ ଧାନ ପରି ଶସ୍ୟ ଜାତୀୟ ଫସଲ ହାରାହାରି ୩୦ରୁ ୬୦ କୁଇଣ୍ଟାଲ ପର୍ଯ୍ୟନ୍ତ ଅମଳ ହୋଇପାରୁଥିବା ବେଳେ ତାହାର ମୂଲ୍ୟ ବାବଦରେ ଚାଷୀ କୁଇଣ୍ଟାଲ ପ୍ରତି ହାରାହାରି ୧୦୦୦ ଟଙ୍କା ହିସାବରେ ୩୦,୦୦୦ ରୁ ୬୦,୦୦୦ ଟଙ୍କା ଆଦାୟ କରିଥାଏ। ମାତ୍ର ସେହି ପରିମାଣ ଜମିରୁ ୨୦,୦୦୦ କୁଇଣ୍ଟାଲ ପର୍ଯ୍ୟନ୍ତ ଛତୁ ଅମଳ କରାଯାଇପାରିବ, ଯାହାକୁ କିଲୋଗ୍ରାମ ପ୍ରତି ହାରାହାରି ୫୦ ଟଙ୍କା ଦରରେ ବିକ୍ରୟ କରି ସମୁଦାୟ ୧୦,୦୦,୦୦୦ ଟଙ୍କା ଆୟ କରାଯାଇପାରେ।

**କର୍ମ ନିଯୁକ୍ତି :** ବର୍ତ୍ତମାନ ଓଡ଼ିଶାରେ ପ୍ରାୟ ହଜାର ହଜାର ଚାଷୀ ବ୍ୟବସାୟିକ ଛତୁଚାଷ କରି ଜୀବିକା ନିର୍ବାହ କରୁଛନ୍ତି। ଛତୁଚାଷ ଦ୍ୱାରା ନିଜେ ଆତ୍ମନିର୍ଭରଶୀଳ ହେବା ସହିତ ଅନ୍ୟାନ୍ୟ ଆନୁସଙ୍ଗିକ କ୍ଷେତ୍ର ଯଥା ବିହନ ଉତ୍ପାଦନ, ବିହନ ଯୋଗାଣ, ଛତୁ ବିକ୍ରୟ, ଛତୁ ପ୍ରକ୍ରିୟାକରଣ ଆଦିରେ ମଧ୍ୟ ରୋଜଗାରର ସୁଯୋଗ ରହିଛି।

**ସରଳ ଚାଷ ପଦ୍ଧତି :** ଛତୁର ଚାଷ ପ୍ରଣାଳୀ ଅତ୍ୟନ୍ତ ସରଳ। ଏଥିପାଇଁ କୌଣସି ଜଟିଳ





ଜ୍ଞାନକୌଶଳର ଆବଶ୍ୟକତା ନଥାଏ। ସାମାନ୍ୟ ତାଲିମ ନେଇ ଯେକୌଣସି ଲୋକ ଛତୁ ଚାଷ ଆରମ୍ଭ କରିପାରିବ।

**ମହିଳାମାନଙ୍କ ପାଇଁ ଛତୁ ଚାଷ :** ଛତୁ ଚାଷର ପ୍ରଣାଳୀ ଅତ୍ୟନ୍ତ ସରଳ ଓ ଏଥିପାଇଁ କୌଣସି ବିଶେଷ ଯନ୍ତ୍ରପାତିର ଆବଶ୍ୟକତା ନଥିବାରୁ ଗାଁ ଗହଳିର ମହିଳାମାନେ ସେମାନଙ୍କର ବଳକା ସମୟକୁ ଛତୁଚାଷ ପାଇଁ ଉପଯୋଗ କରିପାରିବେ।

**କୃଷି ଭିତ୍ତିକ ଶିଳ୍ପ, ଜଙ୍ଗଲ ତଥା ଗୃହର ପରିତ୍ୟକ୍ତ ବା ଅଦରକାରୀ ପଦାର୍ଥର ବ୍ୟବହାର ଓ ପରିବେଶ ସୁରକ୍ଷା :** କୃଷି ପ୍ରଣାଳୀର ଅଧିକତର ବିକାଶ ଫଳରେ କୃଷି ଓ ଆନୁସଙ୍ଗିକ କ୍ଷେତ୍ର ଯଥା ଜଙ୍ଗଲ, ଗୃହ ଓ ଆମ ପରିବେଷ୍ଟନୀରୁ ନିର୍ଗତ ଅନେକଗୁଡ଼ିଏ ଅଦରକାରୀ ପଦାର୍ଥର ବିନିଯୋଗ ହୋଇନପାରି ତାହା ବିଭିନ୍ନ ପ୍ରକାର ପରିବେଶଗତ ଓ ସ୍ୱାସ୍ଥ୍ୟଗତ ସମସ୍ୟା ସୃଷ୍ଟି କରୁଛି। ଏଥିରୁ ଅଧିକାଂଶ ସେଲୁଲୋଜ, ହେମିସେଲୁଲୋଜ ଓ ଲିଗନିନ୍ ପରି ପୋଷକ ଗୁଣରେ ପରିପୂର୍ଣ୍ଣ ହୋଇଥିବାରୁ ଛତୁ ଚାଷ ପାଇଁ ସହଜରେ ବ୍ୟବହାର କରାଯାଇପାରେ। ବୈଜ୍ଞାନିକମାନଙ୍କ ମତ ଅନୁସାରେ ଏହିସବୁ ଅନାବଶ୍ୟକ ପଦାର୍ଥର ସଦୁପଯୋଗ ପାଇଁ ଛତୁ ହେଉଛି ଏକ ସରଳ ଓ ସମୟୋପଯୋଗୀ ପ୍ରତିକାର।

**ଛତୁ ଫାର୍ମର ବର୍ଜ୍ୟ ପଦାର୍ଥର ଅନ୍ୟାନ୍ୟ ଲାଭଜନକ ଉପଯୋଗ :** ଆମ ରାଜ୍ୟରେ ସାଧାରଣତଃ ଛତୁଫାର୍ମରୁ ବ୍ୟବହୃତ ନଡ଼ା ବର୍ଜ୍ୟ ପଦାର୍ଥ ଆକାରରେ ନିର୍ଗତ ହୋଇଥାଏ। ଏଗୁଡ଼ିକୁ ପୁନଃ ଛତୁ ଚାଷ, ମୃତ୍ତିକା ସୁଧାର, ଜୈବିକ ସାର, ଜୈବିକ ଖତ ଓ ଜିଆଖତ ପ୍ରସ୍ତୁତି, ଉନ୍ନତ ଗୋଖାଦ୍ୟ ପ୍ରସ୍ତୁତି, ସଂକ୍ରମିତ ମାଟି ଓ ଜଳର ଜୈବ ସୁଧାରକ, ରୋଗ ପରିଚାଳନାରେ ଭୂମିକା, ବାୟୋଗ୍ୟାସ ବା ଗୋବର ଗ୍ୟାସ୍ ପ୍ରସ୍ତୁତି ଇତ୍ୟାଦି ପାଇଁ ଫଳପ୍ରଦ ଭାବରେ ଉପଯୋଗ କରାଯାଇପାରିବ।

**ବୈଦେଶିକ ମୁଦ୍ରା ଅର୍ଜନ :** ବାହାର ଦେଶମାନଙ୍କରେ ଛତୁର ପ୍ରକୃଷ୍ଟ ବଜାର ଚାହିଦା ରହିଛି। ତେଣୁ ପର୍ଯ୍ୟାପ୍ତ ପରିମାଣରେ ଛତୁ ଉତ୍ପାଦନ ସହିତ ବିଦେଶକୁ ଆବଶ୍ୟକ ଛତୁ ରପ୍ତାନୀ କରି ବହୁମୂଲ୍ୟ ବୈଦେଶିକ ମୁଦ୍ରା ଅର୍ଜନ କରିହେବ।

ଓଡ଼ିଶାର ପ୍ରାକୃତିକ ଗ୍ରୀଷ୍ମମଣ୍ଡଳୀୟ ପାଣିପାଗରେ ସାଧାରଣତଃ ୩ ପ୍ରକାର ଖାଇବା ଉପଯୋଗୀ ଛତୁ ଚାଷ କରାଯାଇପାରିବ। ସେଗୁଡ଼ିକ ହେଲା : ପାଳ ଛତୁ, ଧିଙ୍ଗିରୀ ଛତୁ ଓ ଦୁଧ ଛତୁ। ଖରା ଏବଂ ବର୍ଷା ଦିନେ ପାଳ ଛତୁ ଚାଷ କରାଯାଉଥିବା ବେଳେ ଶୀତ ଦିନରେ ଧିଙ୍ଗିରୀ ଛତୁ ଚାଷ କରାଯାଏ।

## ପାଳଛତୁ

ପାଳ ଛତୁ ସବୁଠାରୁ ସ୍ୱାଦିଷ୍ଟ ଓ ରୁଚିକର। ବର୍ଷା ଦିନେ ପାଳଗଦାମାନଙ୍କରେ ଏହି ଛତୁ ଫୁଟୁଥିବାର ଅନେକ ଲକ୍ଷ୍ୟ କରିଥିବେ। ଏହା ଅପେକ୍ଷାକୃତ ଅଧିକ ତାପମାତ୍ରାରେ ଚାଷ କରାଯାଉଥିବାରୁ ଏହାକୁ ଗ୍ରୀଷ୍ମମଣ୍ଡଳୀୟ ଛତୁ ମଧ୍ୟ କୁହାଯାଏ। ଚୀନ, ଥାଇଲାଣ୍ଡ, ତାଇୱାନ, ମାଲେସିୟା, ଫିଲିପାଇନ୍ସ, କୋରିଆ ପ୍ରଭୃତି ଦକ୍ଷିଣ-ପୂର୍ବ ଏସୀୟ ଦେଶଗୁଡ଼ିକରେ ଏହା ବହୁଳ ଭାବରେ ଚାଷ କରାଯାଇଥାଏ। ପୃଥିବୀରେ ବ୍ୟବସାୟିକ ଭାବରେ ଚାଷ କରାଯାଉଥିବା ଛତୁମାନଙ୍କ ମଧ୍ୟରେ ପାଳ ଛତୁର ସ୍ଥାନ ଷଷ୍ଠ। ପୃଥିବୀରେ ଉତ୍ପାଦିତ ହେଉଥିବା ସମୁଦାୟ ପାଳ ଛତୁର ୭୦ରୁ ୮୦ପ୍ରତିଶତ କେବଳ ଚୀନ ଦେଶରୁ ଉତ୍ପନ୍ନ ହୋଇଥାଏ।

## ପାଳ ଛତୁର ପ୍ରଜାତି ବା କିସମ

ପାଳ ଛତୁର ବୈଜ୍ଞାନିକ ନାମ ଭଲ୍ଭାରିଏଲା। ଏହାର ପ୍ରାୟ ୧୦୦ଟି ପ୍ରଜାତି ରହିଛି। ସେଥିମଧ୍ୟରୁ ଭାରତରେ ୧୯ଟି ଖାଦ୍ୟପୋଯୋଗୀ ପ୍ରଜାତିକୁ ଚିହ୍ନଟ କରାଯାଇଥିବା ବେଳେ ମୁଖ୍ୟତଃ ଦୁଇଟି କିସମ ଚାଷ କରାଯାଇଥାଏ। ପ୍ରଥମ ହେଉଛି ଗାଢ଼ କଷରା ରଙ୍ଗର। ଏହାର ଅଗ୍ରଭାଗ କଳା, ଆକାର ଅପେକ୍ଷାକୃତ ବଡ଼ ଓ ଉତ୍ପାଦିକା ଶକ୍ତି ଅଧିକ। ବୈଜ୍ଞାନିକ ଭାଷାରେ ଏହାକୁ ଭଲକାରିଏଲା ଭଲଭାସି କହନ୍ତି। ଦ୍ୱିତୀୟଟି ହେଉଛି ଭଲଭାରିଏଲା ଡିପ୍ଲାସି। ଏହା ଧଳା ବା ଈଷତ୍ ପାଉଁଶିଆ ରଙ୍ଗର, ଆକାର ଛୋଟ ଓ ଉତ୍ପାଦିକା ଶକ୍ତି ଅପେକ୍ଷାକୃତ କମ୍।

**ପାଳ ଛତୁରେ ଥିବା ଖାଦ୍ୟ ଉପାଦନ :**


| ଖାଦ୍ୟଗୁଣ | ୧୦୦ ଗ୍ରାମ ତାଜା ଛତୁରେ ଥିବା ପରିମାଣ | ଖାଦ୍ୟଗୁଣ | ୧୦୦ ଗ୍ରାମ ତାଜା ଛତୁରେ ଥିବା ପରିମାଣ |
|---|---|---|---|
| ଜଳୀୟ ଅଂଶ | ୯୦.୪ ଗ୍ରାମ | ପୋଟାସିୟମ | ୦.୩୨ ଗ୍ରାମ |
| ଚର୍ବି | ୦.୨୫ ଗ୍ରାମ | କ୍ୟାଲସିୟମ୍ | ୫.୬ ଗ୍ରାମ |
| ପୁଷ୍ଟିସାର | ୩.୯୦ ଗ୍ରାମ | ଥାୟାମିନ୍ | ୦.୧୪ ମିଲିଗ୍ରାମ |
| ସମୁଦାୟ ତନ୍ତୁ | ୧.୮୭ ଗ୍ରାମ | ରାଇବୋଫ୍ଲାବିନ୍ | ୦.୬୧ ମିଲିଗ୍ରାମ |
| ଭସ୍ମ | ୧.୧୦ ଗ୍ରାମ୍ | ନିଆସିନ୍ | ୨.୪୦ ମିଲିଗ୍ରାମ |
| ଫସଫରସ୍ | ୦.୧୦ ଗ୍ରାମ | ଆସ୍କାରବିକ୍ ଏସିଡ୍ | ୧୮.୦୦ ମିଲିଗ୍ରାମ |

(ସୌଜନ୍ୟ : ଆହାଲୱାଟ ଓ ତିୱାରୀ, ୨୦୦୭)





## ଛତୁର ଘର ବା ଫାର୍ମ



ବ୍ୟବସାୟିକଭିତ୍ତିରେ ଛତୁ ଚାଷ କରିବାକୁ ହେଲେ ଗୋଟିଏ ସ୍ୱତନ୍ତ୍ର ଭାବରେ ନିର୍ମିତ ଛତୁ ଘରର ଆବଶ୍ୟକତା ପଡ଼େ। ଆମ ରାଜ୍ୟରେ ସାଧାରଣତଃ କାନ୍ଥ ବିହୀନ ଚାଳ ଛପର ଘର ଛତୁ ଚାଷ ପାଇଁ ବ୍ୟବହାର କରାଯାଏ। ଘର ମଧ୍ୟରେ ସର୍ବାଧିକ ଉଚ୍ଚତା ୧୦ରୁ ୧୨ ଫୁଟ ଓ ଚାରି ପଟର ଉଚ୍ଚତା ୫ରୁ ୬ ଫୁଟ ହେବା ଦରକାର। ଘରଟିର ଚାରିପଟ ଖୋଲା ରହିଲେ ପର୍ଯ୍ୟାପ୍ତ ପରିମାଣର ପରୋକ୍ଷ ସୂର୍ଯ୍ୟାଲୋକ ଘର ମଧ୍ୟରେ ପ୍ରବେଶ କରିଥାଏ। ମନେ ରଖିବା ଉଚିତ ଯେ ଛତୁ ଚାଷ କରାଯାଉଥିବା ଘର ବା ଜାଗାରେ ସିଧାସଳଖ ସୂର୍ଯ୍ୟକିରଣ ପଡ଼ିବା ଅନୁଚିତ। ଘର ମଧ୍ୟକୁ ଅବାଧ ପବନ ଚଳାଚଳ ନିୟନ୍ତ୍ରିତ ହେବା ଦରକାର। ସେଥିପାଇଁ ଛତୁ ଘର ଚାରିପଟେ ବାଉଁଶର ଟାଞ୍ଚ ଦେଇ, ଅଖା ଜାଲି ଟାଙ୍ଗି କିମ୍ବା ସେଡ୍ କଟ୍ ଦେଇ ପବନ ଚଳାଚଳକୁ ନିୟନ୍ତ୍ରଣ କରାଯାଇପାରେ। ଦୈନିକ ଛତୁ ଉତ୍ପାଦନ କ୍ଷମତା ଉପରେ ଛତୁ ଫାର୍ମର ଆକାର ନିର୍ଭର କରିଥାଏ। ଗୋଟିଏ ପାଳ ଛତୁ ଭାଡ଼ି ପାଇଁ ୮ରୁ ୧୦ ବର୍ଗ ଫୁଟ ଜାଗା ଆବଶ୍ୟକ। ସେଥିମଧ୍ୟରେ ଭାଡ଼ିର ପ୍ରକୃତ ଆକାର, ଭାଡ଼ି-ଭାଡ଼ି ମଧ୍ୟରେ ବ୍ୟବଧାନ, ଚଳପ୍ରଚଳ ପାଇଁ ଦରକାର ହେଉଥିବା ରାସ୍ତା ପ୍ରଭୃତି ଅନ୍ତର୍ଭୁକ୍ତ। ଅର୍ଥାତ୍ ଗୋଟିଏ ୧୦୦ ବର୍ଗଫୁଟ ସ୍ଥାନରେ ୧୦ରୁ ୧୨ଟି ପାଳଛତୁ ଭାଡ଼ି ତିଆରି କରିହେବ। ସ୍ଥାନର ଅଭାବ ଥିଲେ ଛତୁ ଘର ମଧ୍ୟରେ ଥାକ କରି ସେଥିରେ ଅନେକ ଭାଡ଼ି ପ୍ରସ୍ତୁତ କରାଯାଇ ପାରିବ। ପରିଚାଳନାଗତ ସୁବିଧା ଦୃଷ୍ଟିରୁ ଘର ଭିତରେ ସର୍ବୋଚ୍ଚ ତିନି ଥାକ ବ୍ୟବସ୍ଥା କରାଯାଇପାରିବ। ବଡ଼ ବଡ଼ ଝରକା ଥିବା ଆଜ୍‌ବେଷ୍ଟସ୍ ଘର ଓ କଂକ୍ରିଟ୍ ଛାତଯୁକ୍ତ ଘର ମଧ୍ୟରେ ଛତୁ ଚାଷ କରାଯାଇପାରେ। ମାତ୍ର ଖର୍ଚ୍ଚ, ସ୍ଥାୟିତ୍ୱ ଓ ପାଣିପାଗ ଦୃଷ୍ଟିରୁ ବିଚାର କଲେ ଚାଳ ଛପର ଘର ଛତୁଚାଷ ପାଇଁ ଅଧିକ ଉପଯୋଗୀ। ସୀମିତ ଆର୍ଥିକ ସମ୍ବଳ ଯୋଗୁଁ ବର୍ତ୍ତମାନ ଓଡ଼ିଶାର ଅଧିକାଂଶ ଚାଷୀ ଅସ୍ଥାୟୀ ଛତୁଘର ନିର୍ମାଣ ନ କରି ଖୋଲାରେ ଗଛ ଛାଇ ତଳେ ବ୍ୟବସାୟିକ ଭିତ୍ତିରେ ଛତୁଚାଷ କରୁଛନ୍ତି। ସିଧାସଳଖ ସୂର୍ଯ୍ୟକିରଣ ପଡୁନଥିବା ଝାଉଁବଣ, ନଡ଼ିଆ ବଗିଚା, କଦଳୀ ବାଡ଼ି, ଚାକୁଣ୍ଡା ଜଙ୍ଗଲ, ଆମ୍ବତୋଟା ପ୍ରଭୃତି ସ୍ଥାନରେ ଭଲ ଛତୁ ଉତ୍ପାଦନ କରୁଛନ୍ତି। ମାତ୍ର ବର୍ଷା ଓ ପାଣିପବନ ସମୟରେ ଏସବୁ ଜାଗାରେ ଛତୁ ଫସଲ କ୍ଷତିଗ୍ରସ୍ତ ହୋଇଥାଏ। ଘର ଭିତରେ ଓ ଘର ବାହାରେ ଛତୁ ଚାଷ କଲେ ପରିଚାଳନାଗତ ପ୍ରଣାଳୀରେ ସାମାନ୍ୟ ପରିବର୍ତ୍ତନର ଆବଶ୍ୟକତା ପଡ଼ିଥାଏ।

## ପାଳ ଛତୁ ଚାଷ ପାଇଁ ଆବଶ୍ୟକ ପାଣିପାଗ

**ଉତ୍ତାପ :** ପାଳ ଛତୁ ଏକ ଗ୍ରୀଷ୍ମମଣ୍ଡଳୀୟ ଛତୁ। ତେଣୁ ଛତୁ ଚାଷ ପାଇଁ ଅପେକ୍ଷାକୃତ ଅଧିକ ଉତ୍ତାପ ଆବଶ୍ୟକ ହୋଇଥାଏ। ୨୫ରୁ ୩୮° ସେଲ୍‌ସିୟସ୍ ତାପମାତ୍ରାରେ ପାଳ ଛତୁ ଚାଷ ହୋଇଥାଏ। ୩୦ରୁ ୩୨° ସେଲ୍‌ସିୟସ୍ ତାପମାତ୍ରାରେ ଛତୁ ଭଲ ଫୁଟେ। ଆମ ରାଜ୍ୟରେ ସାଧାରଣତଃ ମାର୍ଚ୍ଚରୁ ଅକ୍ଟୋବର ଅର୍ଥାତ୍ ଉଭୟ ଗ୍ରୀଷ୍ମ ଓ ବର୍ଷାଋତୁରେ ତାପମାତ୍ରା ଉପଯୁକ୍ତ ରହୁଥିବାରୁ ସେହି ସମୟରେ ପାଳ ଛତୁ ଚାଷ କରାଯାଇଥାଏ। ଛତୁ ଫୁଟିବା ପାଇଁ ଛତୁ ବେଡ୍ ବା ଭାଡ଼ିର ସର୍ବୋତ୍ତମ ଉତ୍ତାପ ହେଉଛି ୩୨° ସେଲ୍‌ସିୟସ୍।

**ଆର୍ଦ୍ରତା :** ପାଳ ଛତୁ ଚାଷ ପାଇଁ ୮୦ ରୁ ୯୦ ପ୍ରତିଶତ ଆର୍ଦ୍ରତା ପ୍ରୟୋଜନ। ଆର୍ଦ୍ରତା କମିଗଲେ ଛତୁର ଆକାର ଓ ସଂଖ୍ୟା କମିଯାଏ। ବର୍ଷା ଦିନେ ବାୟୁରେ ଯଥେଷ୍ଟ ଜଳୀୟ ଅଂଶ ରହୁଥିବାରୁ ସେହି ସମୟରେ ଆର୍ଦ୍ରତା ରକ୍ଷା କରିବା ପାଇଁ ବିଶେଷ ପରିଶ୍ରମ କରିବାକୁ ପଡ଼େ ନାହିଁ। ଗ୍ରୀଷ୍ମଋତୁରେ ଆର୍ଦ୍ରତା କମ୍ ରହେ। ଓଡ଼ିଶାର ଆଭ୍ୟନ୍ତରୀଣ ଅଞ୍ଚଳ ଯଥା କୋରାପୁଟ, କଳାହାଣ୍ଡି, ସମ୍ବଲପୁର, ବଲାଙ୍ଗୀର, ସୁନ୍ଦରଗଡ଼ ପ୍ରଭୃତିରେ ବାୟୁମଣ୍ଡଳୀୟ ଆର୍ଦ୍ରତା ପ୍ରାୟ କମ୍ ରହେ। ଛତୁ ଘରେ ଆବଶ୍ୟକୀୟ ଆର୍ଦ୍ରତା ରକ୍ଷା କରିବା ପାଇଁ ଛତୁ ଘର ଚାରିପଟେ ଓଦା ଅଖା ଟାଙ୍ଗି, ଚଟାଣରେ ବାଲି ପକାଇ ଓ ତାକୁ ଓଦା ରଖି କିମ୍ବା ଶୂନ୍ୟକୁ ପାଣି ସ୍ପ୍ରେ କରି ଉପଯୁକ୍ତ ଆର୍ଦ୍ରତା ରକ୍ଷା କରାଯାଇପାରେ। ହାଇଗ୍ରୋମିଟ ନାମକ ଯନ୍ତ୍ର ଦ୍ୱାରା ଆର୍ଦ୍ରତା ମପାଯାଏ। ଯେକୌଣସି ବୈଜ୍ଞାନିକ ସାମଗ୍ରୀ ମିଳୁଥିବା ଦୋକାନରୁ ଏହା ସହଜରେ କ୍ରୟ କରାଯାଇପାରେ। ଛତୁ ଘରେ ଆର୍ଦ୍ରତା ରକ୍ଷା କରିବା ପାଇଁ ହ୍ୟୁମିଡିଫାୟାର ବା ଫଗର୍ ଯନ୍ତ୍ରର ସାହାଯ୍ୟ ନିଆଯାଇପାରେ। ବ୍ୟବସାୟିକ ଛତୁ ଚାଷ କରୁଥିବା ଚାଷୀମାନେ ଏହିସବୁ ଯନ୍ତ୍ରର ସହାୟତା ନନେଇ ମଧ୍ୟ ଛତୁ ଚାଷରେ ଯଥେଷ୍ଟ ସଫଳତା ହାସଲ କରିପାରିଛନ୍ତି।

**ଆଲୋକ :** ଅନ୍ୟାନ୍ୟ ଛତୁ ତୁଳନାରେ ପାଳ ଛତୁ ଚାଷରେ ଆଲୋକର ଆବଶ୍ୟକତା ବେଶୀ। ଭଲ ଅମଳ ପାଇବାକୁ ହେଲେ ୫୦୦ରୁ ୧୦୦୦ ଲକ୍ସ ପରିମାଣର ଆଲୋକ ଦରକାର। ଧିଙ୍ଗିରୀ ଛତୁ ଚାଷ ପାଇଁ ଏହା ୨୦୦ରୁ ୫୦୦ ଲକ୍ସ। ଆମେ ରହୁଥିବା ଘରର କବାଟ ଝରକା ଖୋଲି ଦେଲେ ଯେଉଁ ପରିମାଣର ଆଲୋକ ଘର ମଧ୍ୟରେ ଉପଲବ୍ଧ ହୁଏ, ତାହା ପାଳ ଛତୁ ଚାଷ ପାଇଁ ଉପଯୁକ୍ତ ବୋଲି ଧରିବାକୁ ହେବ। ଖୋଲା ଜାଗାରେ, ଗଛ ଛାଇ ତଳେ ଛତୁ ଚାଷ କରାଯାଉଥିବାରୁ ସେଠାରେ ପ୍ରଚୁର ପରିମାଣର ଆଲୋକ ମିଳିଥାଏ ଓ ଭଲ ଉତ୍ପାଦନ ମିଳେ।





**ପବନ ଚଳାଚଳ :** ପାଳ ଛତୁ ଚାଷ କରାଯାଉଥିବା ଜାଗାରେ ମୁକ୍ତ ପବନ ଚଳାଚଳ ହେବା ଦରକାର। ଏହା ଦ୍ୱାରା ଛତୁ ଭାଡ଼ି ଓ ଘର ମଧ୍ୟରେ ସୃଷ୍ଟି ହେଉଥିବା ହାନିକାରକ ଅଙ୍ଗାରକାମ୍ଳ ଗ୍ୟାସ୍ ନିଷ୍କାସନ ସହଜ ହୋଇଥାଏ। ଭାଡ଼ି ମଧ୍ୟରେ ବିସ୍ତାର ଲାଭ କରୁଥିବା ଛତୁ ଫିମ୍ପି ଅଧିକ ଅମ୍ଳଜାନ ପାଇଥାଏ। ଉତ୍ତାପ ଓ ଆର୍ଦ୍ରତା ନିୟନ୍ତ୍ରଣ କରିବାରେ ପବନ ଚଳାଚଳ ସାହାଯ୍ୟ କରିଥାଏ। ଘର ମଧ୍ୟରେ ଅମ୍ଳଜାନ ଓ ଅଙ୍ଗାରକାମ୍ଳ ଗ୍ୟାସ୍ ମଧ୍ୟରେ ଭାରସାମ୍ୟ ରକ୍ଷା କରିବାରେ ମଧ୍ୟ ପବନ ଚଳାଚଳ ସାହାଯ୍ୟ କରେ।

## ପାଳ ଛତୁ ଚାଷ ପାଇଁ ଆବଶ୍ୟକ ଉପାଦାନ :

ଓଡ଼ିଶାରେ ସାଧାରଣତଃ ବର୍ଗାକାର ଭାଡ଼ିରେ ଛତୁ ଚାଷ କରାଯାଇଥାଏ। ଆମ ରାଜ୍ୟର ପାଣିପାଗ ବିଚାରକୁ ନେଇ ୧.୫ ଫୁଟ ଲମ୍ବ, ୧.୫ ଫୁଟ୍ ଚଉଡ଼ା ଓ ୧.୫ ଫୁଟ୍ ଉଚ୍ଚତା ବିଶିଷ୍ଟ ଭାଡ଼ି ପାଳ ଛତୁ ଚାଷ ପାଇଁ ଉପଯୁକ୍ତ। ଆଜିକାଲି ଲମ୍ବ ନଡ଼ା ମିଳୁନଥିବାରୁ ଉପଲବ୍ଧ ନଡ଼ାର ଲମ୍ବକୁ ଭାଡ଼ିର ଲମ୍ବ ଓ ପ୍ରସ୍ଥ ହିସାବରେ ବ୍ୟବହାର କରାଯାଇ ଭାଡ଼ି ତିଆରି କରାଯାଏ। ପାଣିପାଗ ଓ ପାରିପାର୍ଶ୍ୱିକ ଅବସ୍ଥା ଭାଡ଼ିର ଆକାରକୁ ପ୍ରଭାବିତ କରିଥାଏ। ଗୋଟିଏ ବର୍ଗାକାର ଭାଡ଼ି ପାଇଁ ୭ କି.ଗ୍ରା. ନଡ଼ା (ପ୍ରାୟ ୧୪ ବିଡ଼ା), ୨୦୦ ଗ୍ରାମ ଛତୁ ମଞ୍ଜି (୧ ବୋତଲ) ଓ ୨୦୦ ଗ୍ରାମ ଡାଲିଗୁଣ୍ଡ ବା ଗହମ ଚୋକଡ଼ ଆବଶ୍ୟକ ହୋଇଥାଏ।

**ଚାଷ ପ୍ରଣାଳୀ :**

- ଭଲ ଭାବରେ ଶୁଖିଥିବା ଟାଣ ମୋଟା ନଡ଼ା ସଂଗ୍ରହ କରନ୍ତୁ। ଅଧିକ ଅମଳକ୍ଷମ ଧାନ ଅପେକ୍ଷା ଦେଶୀ ଧାନର ନଡ଼ା ଛତୁ ଚାଷ ପାଇଁ ଅଧିକ ଉପଯୁକ୍ତ।
- ନଡ଼ା ବିଡ଼ାରୁ ପତ୍ର ଅଂଶ ଓ ଶିଶା ବାହାର କରିଦେବା ଭଲ। ଭାଡ଼ିର ଲମ୍ବ ଅନୁସାରେ ବିଡ଼ାର ଅଗ ଓ ମୂଳ ସାମାନ୍ୟ କାଟି ଦିଅନ୍ତୁ। କାଟିବା ବେଳେ ମୂଳ ଅପେକ୍ଷା ଅଗ କାଟିବା ଉପରେ ଧାନ ଦିଅନ୍ତୁ। କାରଣ ନଡ଼ାର ମୂଳ ଭାଗ ଛତୁ ଚାଷ ପାଇଁ ଅଧିକ ଉପଯୁକ୍ତ।
- ଏହାପରେ ନଡ଼ା ବିଡ଼ାଗୁଡ଼ିକୁ ପରିଷ୍କାର ପାଣିରେ ୬ରୁ ୮ ଘଣ୍ଟା ଭିଜାନ୍ତୁ। ଏହା ଦ୍ୱାରା ନଡ଼ା ନରମ ହୋଇଯାଏ ଓ ଏଥିରେ ଥିବା ଖାଦ୍ୟଗୁଣ ପାଣିରେ ଦ୍ରବିଭୂତ ହୋଇ ଛତୁ ଫିମ୍ପି ଗ୍ରହଣ କରିବା ଅବସ୍ଥାକୁ ଆସିଯାଏ।
- ତା'ପରେ ନଡା ବିଡ଼ାଗୁଡ଼ିକୁ ପାଣିରୁ ଛାଣି ସେଥିରୁ ବଳକା ଜଳ ନିଷ୍କାସନ କରନ୍ତୁ । ଏଥିପାଇଁ ସେଗୁଡ଼ିକୁ ଖରାରେ ନ ଶୁଖାଇ ମୁକ୍ତ ପବନ ଚଳାଚଳ କରୁଥିବା ଛାଇ

ଜାଗାରେ ତୀର୍ଯ୍ୟକ ଭାବରେ ରଖିଲେ ପାଣି ସହଜରେ ନିଗିଡ଼ିଯାଏ। ଭାଡ଼ି ପ୍ରସ୍ତୁତ ସମୟରେ ନଡ଼ାରେ ୫୦ରୁ ୬୦ ପ୍ରତିଶତ ବତର ରହିବା ଆବଶ୍ୟକ।

- ଭାଡ଼ିରେ ବ୍ୟବହାର ପୂର୍ବରୁ ନଡ଼ାଗୁଡ଼ିକୁ ବିଶୋଧନ କରିବା ଦରକାର। ଏହା ଦ୍ୱାରା ଭାଡ଼ିରେ ଅନିଷ୍ଟକାରୀ ବା ପ୍ରତିଦ୍ୱନ୍ଦ୍ୱୀ ଫିମ୍ପିମାନଙ୍କର ସଂଖ୍ୟା ହ୍ରାସ ପାଉଥିବାରୁ ନଡ଼ାରେ ପାଳ ଛତୁର ଫିମ୍ପି ଭଲ ଭାବରେ ମାଡ଼ିଥାଏ ଓ ଅଧିକ ଉତ୍ପାଦନ ମିଳେ। ରାସାୟନିକ ପ୍ରଣାଳୀ ଅପେକ୍ଷା ଗରମ ପାଣି ବା ବାମ୍ପ ଦ୍ୱାରା ନଡ଼ା ବିଶୋଧନ କରାଯିବା ଉଚିତ୍। ତେଣୁ ଗରମ ପାଣି ବା ବାମ୍ପରେ ନଡ଼ାକୁ ୩୦ ମିନିଟ୍ ଯାଏ ଉପଚାର କରିପାରିଲେ ନିଶ୍ଚିତ ଭାବରେ ଅଧିକ ଉତ୍ପାଦନ ମିଳିଥାଏ।
- ସାଧାରଣ ଭାବରେ ନଡ଼ାରେ ଜଳୀୟ ଅଂଶ ନିରୂପଣ କରିବା ପାଇଁ ପାଣି ନିଗିଡ଼ା ପାଇଁ ରଖାଯାଇଥିବା ନଡ଼ା ବିଡ଼ାଗୁଡ଼ିକ ମଧ୍ୟରୁ କେତେକ ବିଡ଼ାକୁ ଦୁଇ ହାତ ପାପୁଲିରେ ଜୋରରେ ଚାପି ଦିଅନ୍ତୁ। ଯଦି ହାତ ପାପୁଲି ଓଦା ରହେ ମାତ୍ର ବିଡ଼ାରୁ ପାଣି ନିଗିଡ଼େ ନାହିଁ, ତେବେ ଛତୁ ଚାଷ ପାଇଁ ପ୍ରୟୋଜନୀୟ ବତର ବୋଲି ବୁଝିବାକୁ ହେବ।
- ବର୍ତ୍ତମାନ କାଚ ବୋତଲ ଭାଙ୍ଗି ବା ପଲିଥିନ୍ ପାଉଚ୍ ଚିରି ମଞ୍ଜି ବାହାର କରନ୍ତୁ। କାଚ ବୋତଲର ମୁହଁ ପଟକୁ ଗୋଟିଏ ହାତରେ ଧରି ଅନ୍ୟ ହାତରେ ହାତୁଡ଼ି ବା ଅନ୍ୟ କୌଣସି ଓଜନିଆ ବସ୍ତୁ ଦ୍ୱାରା ବୋତଲକୁ ଆଘାତ କଲେ ତାହା ସହଜରେ ଭାଙ୍ଗିଯାଏ। ଏହାପରେ ମଞ୍ଜିରେ ଲାଗିଥିବା ଟୁକୁରା କାଚ ଖଣ୍ଡକୁ ବୋତଲରେ ଲାଗିଥିବା ତୁଳା ସାହାଯ୍ୟରେ ପୋଛି ଦିଅନ୍ତୁ।
- ସମୁଦାୟ ମଞ୍ଜିକୁ ଯଥା ସମ୍ଭବ ଚାରି ଭାଗ କରନ୍ତୁ। ପ୍ରତ୍ୟେକ ଭାଗକୁ ଏକ ବର୍ଗ ଇଞ୍ଚ ବା ବୁଢ଼ା ଅଙ୍ଗୁଳି ମୋଟର ଛୋଟ ଛୋଟ ଭାଗ କରନ୍ତୁ। ଡାଲି ଗୁଣ୍ଡକୁ ମଧ୍ୟ ଚାରି ଭାଗ କରନ୍ତୁ।
- ମାଟି ବା ଚଟାଣରୁ ପ୍ରାୟ ଫୁଟେ ଉପରେ ବାଉଁଶର ଫ୍ରେମ୍ ବା ଥାକ କରି ତା' ଉପରେ ଛତୁ ଭାଡ଼ି ପ୍ରସ୍ତୁତ କରାଯାଏ। ଗୋଟିଏ ନିର୍ଦ୍ଦିଷ୍ଟ ସ୍ଥାନରେ ଅଧିକ ସଂଖ୍ୟାରେ ଭାଡ଼ି ତିଆରି କରିବାକୁ ହେଲେ ଥାକ ବ୍ୟବସ୍ଥା ଅନୁସରଣ କରନ୍ତୁ। ଛତୁ ଫାର୍ମ ମଧ୍ୟରେ ସର୍ବୋଚ୍ଚ ତିନିଥାକ ପର୍ଯ୍ୟନ୍ତ ବ୍ୟବସ୍ଥା କରାଯାଇପାରେ।
- ଆଗରୁ ତିଆରି କରାଯାଇଥିବା ଥାକ ଉପରେ ଛତୁ ଭାଡ଼ି ତିଆରି କରନ୍ତୁ। ପ୍ରଥମେ ବିଡ଼ା ଗୁଡ଼ିକୁ ଥାକ ଉପରେ ୫ ଇଞ୍ଚ ବହଳରେ ଗୋଟିଏ ଦିଗରେ ଅର୍ଥାତ୍ ପୂର୍ବରୁ ପଶ୍ଚିମ କିମ୍ବା ଉତ୍ତର-ଦକ୍ଷିଣ ଦିଗରେ ବିଛାନ୍ତୁ ଯେପରି ଭାଡ଼ିର ଲମ୍ବ ଓ ପ୍ରସ୍ଥ ସମାନ





ରହିବ ଓ ନଡ଼ା ବିଡାର ମୂଳ ପଟ ଉଭୟ ପାର୍ଶ୍ୱରେ ରହିବ। ଏହା ହେଉଛି ପ୍ରଥମ ସ୍ତର। ଏହା ଉପରେ ପ୍ରଥମ ଭାଗ ଛତୁ ମଞ୍ଜି ପ୍ରୟୋଗ କରନ୍ତୁ। ବୁଢ଼ା ଆଙ୍ଗୁଠି ମୋଟର ମଞ୍ଜି ଖଣ୍ଡଗୁଡ଼ିକୁ ସ୍ତରର ୩ ରୁ ୪ ଇଞ୍ଚ ଭିତରକୁ ସମାନ ବ୍ୟବଧାନରେ ଗୋଟିଏ ଧାଡ଼ିରେ ରଖନ୍ତୁ। ଏହା ଉପରେ ପ୍ରଥମ ଭାଗ ଡାଲି ଗୁଣ୍ଡ ପ୍ରୟୋଗ କରନ୍ତୁ। ସ୍ତରର ମଧ୍ୟ ଭାଗରେ ମଞ୍ଜି ଓ ଡାଲି ଗୁଣ୍ଡ ପ୍ରୟୋଗ କରନ୍ତୁ ନାହିଁ।


- ମନେ ରଖନ୍ତୁ, ପ୍ରତ୍ୟେକ ସ୍ତରରେ ନଡ଼ାର ମୂଳ ପଟ ଉଭୟ ପାର୍ଶ୍ୱରେ ରହିବା ଆବଶ୍ୟକ ଓ ଗୋଟିଏ ସ୍ତର ଅନ୍ୟ ସ୍ତରର ବିପରୀତ ଦିଗରେ ବିଛା ଯାଇଥିବ।
- ପ୍ରଥମ ସ୍ତର ନଡ଼ାର ବିପରୀତ ଦିଗରେ ପୁନଃ ୫ ଇଞ୍ଚ ବହଳର ନଡ଼ା ବିଛାନ୍ତୁ। ପ୍ରଥମ ସ୍ତରର ନଡ଼ା ପୂର୍ବ-ପଶ୍ଚିମ ଦିଗରେ ବିଛା ଯାଇଥିଲେ ଦ୍ୱିତୀୟ ସ୍ତର ଉତ୍ତର-ଦକ୍ଷିଣ ଦିଗରେ ବିଛା ଯାଇଥିବା ଦରକାର। ନଡ଼ା ଉପରେ ୧ମ ସ୍ତର ପରି ୨ୟ ଭାଗ ମଞ୍ଜି ଓ ୨ୟ ଭାଗ ଡାଲି ଗୁଣ୍ଡ ପ୍ରୟୋଗ କରନ୍ତୁ।
- ବର୍ତ୍ତମାନ ଭାଡ଼ିର ୩ୟ ସ୍ତର କରନ୍ତୁ। ଏହା ୨ୟ ସ୍ତରର ବିପରୀତ ଦିଗରେ ୫ ଇଞ୍ଚ ବହଳରେ ତିଆରି କରାଯିବ। ଏହି ସ୍ତରର ସମୁଦାୟ ଅଂଶରେ ବଳକା ଦୁଇ ଭାଗ ଛତୁ ମଞ୍ଜି ଓ ଡାଲି ଗୁଣ୍ଡ ବିଛାଇ ଦିଆଯାଏ।
- ୩ୟ ସ୍ତର ନଡ଼ାର ବିପରୀତ ଦିଗରେ ପୁନଃ ୩ ଇଞ୍ଚ ବହଳର ପତଳା ନଡ଼ା ବିଛାଇ ଦିଅନ୍ତୁ। ଏହା ଭାଡ଼ିର ଶେଷ ବା ଢାଙ୍କୁଣୀ ସ୍ତର। ୧ମ ଓ ୨ୟ ସ୍ତରର କେବଳ ବାହାର ପଟେ ଛତୁ ଫୁଟୁଥିବା ବେଳେ ୩ୟ ସ୍ତରରେ ସବୁଆଡ଼େ ବେଶି ଉପାଦାନ ପ୍ରୟୋଗ କରାଯାଉଥିବାରୁ ଓ ଏହା ଉପରେ ପତଳା ଢାଙ୍କୁଣୀ ସ୍ତର ଥିବାରୁ ଉଭୟ କଡ଼ ଓ ସମୁଦାୟ ଉପର ଅଂଶରେ ଛତୁ ଫୁଟିଥାଏ।
- ବର୍ତ୍ତମାନ ଭାଡ଼ି ଉପରୁ ତଳ ଆଡକୁ ଦୁଇ ହାତ ଦ୍ୱାରା ସାମାନ୍ୟ ଚାପ ପ୍ରୟୋଗ କରନ୍ତୁ। ଏହା ଦ୍ୱାରା ଭାଡ଼ିର ବିଭିନ୍ନ ସ୍ତରରେ ପ୍ରୟୋଗ କରାଯାଇଥିବା ମଞ୍ଜି ଓ ଡାଲିଗୁଣ୍ଡ ବିଭିନ୍ନ ସ୍ତରର ନଡ଼ା ସହିତ ସଂଲଗ୍ନ ହୋଇଯିବ। ଏହାଦ୍ୱାରା ଛତୁ ଫିମ୍ପି ଭଲ ଭାବରେ ମାଡ଼ିପାରିବ।
- ପୂର୍ଣ୍ଣାଙ୍ଗ ଭାଡ଼ିଟି ତିଆରି ହୋଇଗଲା ପରେ ତାହାକୁ ଏକ ପତଳା ପଲିଥିନ୍ ଦ୍ୱାରା ଢାଙ୍କି ଦିଆଯାଏ। ୮ରୁ ୧୦ ଦିନ ପରେ ଶାଗୁଦାନା ପରି କଢ଼ ସବୁ ଦେଖାଗଲେ ଭାଡ଼ିରୁ ପଲିଥିନ୍ କାଢ଼ି ଦିଅନ୍ତୁ। ପ୍ରାୟ ୩-୪ ଦିନ ପରେ ବା ମଞ୍ଜି ପ୍ରୟୋଗ କରିବାର ୧୫ଦିନ ବେଳକୁ କଢ଼ଗୁଡ଼ିକ ଅମଳଯୋଗ୍ୟ ହୋଇଥାଏ।


## ଅମଳ

ସାଧାରଣତଃ ଅଣ୍ଡାକୃତି ଅବସ୍ଥା କଢ଼ ସମୟରେ ଛତୁ ତୋଳିଦେବା ଦରକାର। ବିଳମ୍ବ ହେଲେ ଛତୁ ଫୁଟିଯାଇ ଛତା ପରି ହୋଇଯାଏ। ବଜାରରେ କଢ଼ ଛତୁର ଚାହିଦା ଅଧିକ। ଛତୁର ସମୁଦାୟ ଅଂଶକୁ ଭାଡ଼ିରୁ ତୋଳି ଅଲଗା କରିଦିଅନ୍ତୁ। ପ୍ରଥମ ପର୍ଯ୍ୟାୟ ବା ୧୫ଦିନ ବେଳକୁ ଫୁଟିଥିବା ଛତୁ ଏକା ଦିନରେ ନ ତୋଳି ୨-୩ ଦିନ ଧରି ଅମଳ କରନ୍ତୁ। ସମୁଦାୟ ଛତୁ ଉତ୍ପାଦନର ଶତକଡ଼ା ୮୦ରୁ ୮୫ ଭାଗ ପ୍ରଥମ ଥରରେ ଫୁଟିଥାଏ। ବଳକା ୧୫ରୁ ୨୦ ଭାଗ ପରବର୍ତ୍ତୀ ୨-୩ ଥରରେ ମିଳିଥାଏ। ପ୍ରଥମ ଅମଳର ପ୍ରାୟ ୮-୧୦ ଦିନ ପରେ ପୁଣି ଛତୁ ଫୁଟେ। ପ୍ରଥମ ପର୍ଯ୍ୟାୟରେ ୮୫ ଭାଗ ଛତୁ ଅମଳ ହେଉଥିବାରୁ ଓ ଏହାଦ୍ୱାରା ଚାଷୀ ଲାଭବାନ ହେଉଥିବାରୁ ବ୍ୟବସାୟିକ ଛତୁ ଉତ୍ପାଦନକାରୀମାନେ ପ୍ରଥମଥର ଅମଳ ପରେ ଛତୁ ଭାଡ଼ିଗୁଡ଼ିକୁ କାଢ଼ି ଦେଇ ସେଗୁଡ଼ିକ ସ୍ଥାନରେ ନୂତନ ଭାଡ଼ି ପ୍ରସ୍ତୁତ କରିଥାନ୍ତି।

## ଧିଙ୍ଗିରୀ ଛତୁ


ଏହା ଏକ ଶୀତଦିନିଆ ଛତୁ। ଏହାର ଆକୃତି ସମୁଦ୍ରର ଶାମୁକା ପରି ହୋଇଥିବାରୁ ଧିଙ୍ଗିରୀ ଛତୁର ଅନ୍ୟ ନାମ ହେଉଛି ଶାମୁକା ଛତୁ ବା ଅଏଷ୍ଟର ମସରୁମ୍। ପ୍ରାକୃତିକ ଭାବରେ ଏହି ଛତୁ କାଠ ବା ବିଭିନ୍ନ ପ୍ରକାର ଗଛ ଗଣ୍ଡିରେ ଫୁଟିଥାଏ। ତେଣୁ କେତେକ ଏହାକୁ କାଠ ଛତୁ ମଧ କହନ୍ତି। ଅନ୍ୟାନ୍ୟ ଖାଦ୍ୟପୋଯୋଗୀ ଛତୁ ତୁଳନାରେ ଧିଙ୍ଗିରୀ ଛତୁର ଅନେକ ବୈଶିଷ୍ଟ ଥିବାରୁ ଏହାର ଲୋକପ୍ରିୟତା ଦୃତ ଗତିରେ ବୃଦ୍ଧି ପାଉଛି। ୨୦ ରୁ ୩୦° ସେଲ୍‌ସିୟସ୍ ଉତ୍ତାପରେ ଧିଙ୍ଗିରୀ ଛତୁ ଚାଷ କରାଯାଏ। ଏହାର ଚାଷ ପ୍ରଣାଳୀ ଖୁବ୍ ସରଳ ଓ ଚାଷ ପାଇଁ ବହୁତ କମ୍ ମୂଳଧନର ଆବଶ୍ୟକତା ପଡ଼େ। ଧାନ ଓ ଗହମ ନଡ଼ା ବ୍ୟତୀତ ଅନେକ ପ୍ରକାରର କୃଷିଜାତ ଅଦରକାରୀ ପଦାର୍ଥ ଯଥା ମକା କାଣ୍ଡ, କଦଳୀ ପତ୍ର, ବିଲାତି ଦଳ, କରତ ଗୁଣ୍ଡ, ବ୍ୟବହୃତ ଖବରକାଗଜ, ନଡ଼ିଆ କତା, ଆଖୁ ଛେଦା, ଅଳସୀ ଓ ରାଶୀ କାଣ୍ଡ, ସୋୟାବିନ୍ କାଣ୍ଡ, ନଡ଼ିଆ ଓ ଗୁଆ ଗଛର ପତ୍ର, ବାଦାମ ଚୋପା, ରବର ଓ କଫି ଶିଳ୍ପର ବର୍ଜ୍ୟ ପଦାର୍ଥ























ବ୍ୟବହାର କରି ଧିଙ୍ଗିରୀ ଛତୁ ଉତ୍ପାଦନ କରାଯାଇପାରେ। ଅନ୍ୟାନ୍ୟ ଛତୁ ତୁଳନାରେ ଧିଙ୍ଗିରୀ ଛତୁର ଜୈବ ଦକ୍ଷତା ବା ଉତ୍ପାଦିକା ଶକ୍ତି ଅଧିକ। ଅର୍ଥାତ୍ ଏକ କିଲୋଗ୍ରାମ୍ ଶୁଖିଲା ନଡ଼ାରୁ ୧୦୦ରୁ ୧୫୦ ଗ୍ରାମ୍ ପାଳ ଛତୁ ଓ ୬୦୦ରୁ ୮୦୦ ଗ୍ରାମ୍ ଦୁଧ ଛତୁ ଅମଳ ହେଉଥିବା ବେଳେ ସମ ପରିମାଣର ନଡ଼ାରୁ ୧୦୦୦ ଗ୍ରାମ୍ ବା ଏକ କିଗ୍ରା ଧିଙ୍ଗିରୀ ଛତୁ ଉତ୍ପାଦିତ ହୋଇଥାଏ। ଏତଦ୍‌ବ୍ୟତୀତ ଏହାର ବହୁତ ଗୁଡ଼ିଏ ପ୍ରଜାତି ରହିଛି ଯାହା ଭିନ୍ନ ଭିନ୍ନ ତାପମାତ୍ରାରେ ସଫଳ ଭାବରେ ଚାଷ କରାଯାଇପାରେ। ଧିଙ୍ଗିରୀ ଛତୁର ବୈଜ୍ଞାନିକ ନାମ ହେଉଛି ପ୍ଲିରୋଟସ୍ ସ୍ପେସିଜ୍। ଅନ୍ୟାନ୍ୟ ଛତୁ ତୁଳନାରେ ଧିଙ୍ଗିରୀ ଛତୁର ବହୁତଗୁଡ଼ିଏ ଚାଷପୋଯୋଗୀ ପ୍ରଜାତି

ରହିଛି। ମୋଟାମୋଟି ଭାବରେ ଏଗୁଡ଼ିକ ଦେଖିବାକୁ ଶାମୁକା ପରି। ତଳ ଭାଗରେ ଏକ ପାର୍ଶ୍ୱରେ ଏକ ଦଣ୍ଡ ଥାଏ। ଏହାର ତଳ ଭାଗରେ ଥିବା ଗାଲି ସବୁ କାଣ୍ଡର ଏକ ପାର୍ଶ୍ୱରୁ ବାହାରି ଧାର ଆଡକୁ ଲମ୍ବିଥାଏ।

ଚାଷ କରାଯାଉଥିବା କିସମଗୁଡ଼ିକ ମଧ୍ୟରେ ପ୍ଲିରୋଟସ୍ ସାଜୋରକାଜୁ ସବୁଠାରୁ ଲୋକପ୍ରିୟ। ଓଡ଼ିଶାର ଛତୁ ଚାଷୀମାନେ ଏହି କିସମଟିକୁ ବହୁଳ ଭାବରେ ଚାଷ କରିଥାନ୍ତି। ଏହାର ରଙ୍ଗ କଷରା। ଅନ୍ୟ କିସମଗୁଡ଼ିକ ମଧ୍ୟରେ ଫ୍ଲୋରିଡ଼ା, ଫ୍ଲାବେଲାଟସ୍, ସାପିଡସ୍, ଅଷ୍ଟ୍ରିଆଟସ୍, ଏରିଞ୍ଜାଇ, ସିଟ୍ରିନୋପିଲିଟାସ୍ ଇତ୍ୟାଦି ପ୍ରଧାନ। ବର୍ତ୍ତମାନ ଓଡ଼ିଶାରେ ପ୍ଲିରୋଟସ୍ ଇଓସ୍ ନାମକ ଏକ ନୂତନ ଧରଣର ଗୋଲାପୀ କିସମ ଚାଷ ଆରମ୍ଭ କରାଯାଇଛି। ଲୋକପ୍ରିୟ ସାଜୋରକାଜୁ କିସମଠାରୁ ଏହା ୭-୮ ଦିନ ଆଗରୁ ଅମଳ ହୁଏ। ପ୍ଲିରୋଟସ୍ ଜାମ୍ବୁର ନାମକ ଆଉ ଗୋଟେ କିସମ ଦେଖିବାକୁ ଈଷତ ଗୋଲାପୀରୁ ଗାଢ଼ ଗୋଲାପୀ ରଙ୍ଗର ହୋଇଥାଏ। ଏବେ ରାଜ୍ୟରେ ନୀଳ ଧିଙ୍ଗିରୀ ଛତୁ (ହିପ୍‌ସିଜାଇଗସ ଅଲମାରିୟସ)ର ଚାହିଦା ବୃଦ୍ଧି ପାଉଛି। ଲୋକପ୍ରିୟ ସାଜୋରକାଜୁ କିସମଠାରୁ ଏହାର ଉତ୍ପାଦନ କ୍ଷମତା ଅଧିକ।

### ଧିଙ୍ଗିରୀ ଛତୁରେ ଥିବା ଖାଦ୍ୟ ଉପାଦାନ :

୧୦୦ ଗ୍ରାମ୍ ତଟକା ଛତୁରେ ୨.୭୮ ଗ୍ରାମ୍ ପୁଷ୍ଟିସାର, ୦.୬୫ ଚର୍ବି, ୧.୦୮ ଗ୍ରାମ ତନ୍ତୁ, ୦.୯୩ ଗ୍ରାମ୍ ଭସ୍ମ ଥାଏ (ସୌଜନ୍ୟ:ଜାକିଆ ବାନୋ, ୧୯୬୬)। ଏହା ବ୍ୟତୀତ ଏଥିରେ ଶରୀର ପାଇଁ ଆବଶ୍ୟକ ଦରକାରୀ ଭିଟାମିନ୍, ଧାବଲବଣ ଓ ଅନ୍ୟାନ୍ୟ ପୋଷକଗୁଣ ରହିଛି।

### ଧିଙ୍ଗିରୀ ଛତୁ ଚାଷ ପାଇଁ ଆବଶ୍ୟକୀୟ ପାଣିପାଗ

**ଉତ୍ତାପ :** ଧିଙ୍ଗିରୀ ଛତୁ ଚାଷ ପାଇଁ ସାଧାରଣତଃ ୨୦ ରୁ ୩୦° ସେଲ୍‌ସିୟସ୍ ତାପମାତ୍ରା ଆବଶ୍ୟକ ହୋଇଥାଏ। ଛତୁ ଫୁଟିବା ପାଇଁ କିସମ ଅନୁଯାୟୀ ଅନୁକୂଳ ତାପମାତ୍ରା ଭିନ୍ନ ଭିନ୍ନ ହୋଇଥାଏ। ଆମ ରାଜ୍ୟରେ ସାଧାରଣତଃ ନଭେମ୍ବରରୁ ଫେବୃଆରୀ ମାସ ମଧ୍ୟରେ ଏହା ଚାଷ କରାଯାଇଥାଏ।

**ଆର୍ଦ୍ରତା :** ବାୟୁର ଆର୍ଦ୍ରତା ୭୦ ରୁ ୯୫ ପ୍ରତିଶତ ରହିବା ଦରକାର। ଆର୍ଦ୍ରତା କମ୍ ଥିଲେ ପାଳ ଛତୁ ଚାଷରେ ଯେପରି କୃତ୍ରିମ ଉପାୟରେ ଛତୁ ଘର ମଧ୍ୟରେ ଆର୍ଦ୍ରତା ରକ୍ଷା କରାଯାଇଥାଏ, ସେପରି କରିବାକୁ ହେବ।





**ଆଲୋକ :** ଛତୁ ଚାଷ ପାଇଁ ପ୍ରୟୋଜନୀୟ ଆଲୋକର ପରିମାଣ ୨୦୦ ଲକ୍ସ। ଏହି ଆଲୋକ ଦୈନିକ ୮-୧୨ ଘଣ୍ଟା ରହିବା ଆବଶ୍ୟକ। ଛତୁ ଫୁଟିବା ସମୟରେ ଆବଶ୍ୟକୀୟ ଆଲୋକ ନ ମିଳିଲେ, ଛତୁର କାଣ୍ଡ ଅପେକ୍ଷାକୃତ ଲମ୍ବା ହୁଏ, ଟୋପିର ରଙ୍ଗ ପରିବର୍ତ୍ତନ ହୁଏ ଓ ଚାଷର ଅବଧି ବଢ଼ିଯାଇ ଉତ୍ପାଦନ କମିଯାଏ।

**ଅମ୍ଳଜାନ-ଅଙ୍ଗାରକାମ୍ଳ :** ଧିଙ୍ଗିରୀ ଛତୁର ଅଧିକ ଅଙ୍ଗାରକାମ୍ଳ ସହ୍ୟ କରିବାର ଶକ୍ତି ରହିଛି। ଛତୁର ଦୈନିକ ଅଭିବୃଦ୍ଧି ସମୟରେ ଏହା ଅଧିକ ଅଙ୍ଗାରକାମ୍ଳ ଓ କମ୍ ଆଲୋକ ଦରକାର କରିଥାଏ। ମାତ୍ର ଛତୁ ଫୁଟିବା ସମୟରେ କମ୍ ଅଙ୍ଗାରକାମ୍ଳ (ବେଶୀ ଅମ୍ଳଜାନ) ଆବଶ୍ୟକ। ସେଥିପାଇଁ ଛତୁ ଫୁଟିବା ସମୟରେ ପବନ ଚଳାଚଳର ବ୍ୟବସ୍ଥା କରାଯାଇ ଛତୁ ଘର ମଧ୍ୟରୁ ଅଙ୍ଗାରକାମ୍ଳ ଗ୍ୟାସର ପରିମାଣ ହ୍ରାସ କରାଯାଏ। ନଚେତ୍ ଛତୁ ଗୁଡ଼ିକର କାଣ୍ଡ ବା ଡେମ୍ଫ ବହୁତ ଲମ୍ବା ଓ ଟୋପି ବହୁତ ଛୋଟ ହୋଇଯାଇ ସେଗୁଡ଼ିକ କାହାଳୀ ପରି ଦେଖାଯାଏ।

ଆଦର୍ଶ ଛତୁଫାର୍ମ କରିବାକୁ ହେଲେ ଦୁଇ ପ୍ରକାର ଘର କରିବା ଆବଶ୍ୟକ। ପ୍ରଥମ ଘରଟି ପ୍ରାୟତଃ ନିବୁଜ ହେବ ଯେଉଁଥିରେ କମ୍ ଆଲୋକ ଓ ଅମ୍ଳଜାନ ମଧ୍ୟରେ ପ୍ରଥମ ୧୫ଦିନ ଛତୁ ବ୍ୟାଗଗୁଡ଼ିକ ରଖାଯିବ। ଅନ୍ୟ ଘରଟି ଅପେକ୍ଷାକୃତ ଖୋଲା ହେବ, ଯେଉଁଥିରେ ପ୍ରଥମ ଘର ଅପେକ୍ଷା ଅଧିକ ଆଲୋକ ଓ ଅମ୍ଳଜାନ ପ୍ରବେଶ କରୁଥିବ। ବ୍ୟାଗ ମଧ୍ୟରେ ଫିମ୍ପି ସମ୍ପୂର୍ଣ୍ଣ ମାଡ଼ିଗଲା ପରେ ଛତୁ ବ୍ୟାଗଗୁଡ଼ିକ ୨ୟ ଘର ମଧ୍ୟରେ ଅମଳ ଶେଷ ପର୍ଯ୍ୟନ୍ତ ରଖାଯାଇଥାଏ।

**ଆବଶ୍ୟକ ଉପାଦାନ :** ସାଧାରଣତଃ ୮୦ସେମି x ୪୦ ସେମି ବା ୬୦ ସେମି x ୪୦ ସେମି ଗୋଲାକୃତି ପଲିଥିନ୍ ଥଳି ମଧ୍ୟରେ ଧିଙ୍ଗିରି ଛତୁ ଚାଷ କରାଯାଏ। ଏହି ପ୍ରକାର ଗୋଟିଏ ବ୍ୟାଗ୍ ପାଇଁ ୧ ରୁ ୧୪ କିଲୋଗ୍ରାମ ଶୁଖିଲା ନଡ଼ା ଦରକାର ପଡ଼ିଥାଏ।

### ଚାଷ ପ୍ରଣାଳୀ

- ଦେଶୀ, ଧଳାମୂଳିଆ, ବେଙ୍ଗଳା ପଢ଼ିନଥିବା ଟାଣ, ମୋଟା ନଡ଼ା ସଂଗ୍ରହ କରନ୍ତୁ। ଏଥିରୁ ପତ୍ର ଅଂଶ ବାଦ ଦେଇ ଦା' ବା ନଡ଼ାକଟା ଯନ୍ତ୍ର ସାହାଯ୍ୟରେ ୨-୩ ଇଞ୍ଚ ଆକାରରେ ଛୋଟ ଛୋଟ କରି କଟାଯାଏ।
- ଏହାପରେ କଟା ନଡ଼ାକୁ ପରିଷ୍କାର ପାଣି ଭରା କୁଣ୍ଡରେ ୬-୮ ଘଣ୍ଟା ବତୁରା ଯାଇଥାଏ।
- ଗରମ ପାଣି ବା ବାମ୍ଫ ଦ୍ୱାରା ବତୁରା କଟା ନଡ଼ାକୁ ୩୦ ମିନିଟ୍ ପର୍ଯ୍ୟନ୍ତ ସିଝାଯାଇ ବିଶୋଧନ କରାଯାଏ। ଏହାଦ୍ୱାରା ନଡ଼ାରେ ଥିବା ହାନୀକାରକ ଜୀବାଣୁମାନଙ୍କର ସଂଖ୍ୟା ଅନେକ ପରିମାଣରେ ହ୍ରାସ ପାଏ।

- ବିଶୋଧିତ ବତୁରା ନଡ଼ାରୁ ପାଣି ଛାଡ଼ିବା ପାଇଁ ସେଗୁଡ଼ିକୁ ଏକ ପରିଷ୍କାର ଚଟାଣ ବା ପଲିଥିନ ଉପରେ ବିଛା ଦିଆଯାଏ। ଖରାରେ ନ ଶୁଖାଇ ମୁକ୍ତ ପବନ ଚଳାଚଳ କରୁଥିବା ଛାଇ ଜାଗାରେ ଶୁଖାଇ ସବୁଠାରୁ ଭଲ। ଘର ମଧ୍ୟରେ ନଡ଼ା ଶୁଖାଇବା ପାଇଁ ବିଦ୍ୟୁତ୍ ଚାଳିତ ଟେବୁଲ୍ ଫ୍ୟାନ୍ ବ୍ୟବହାର କରାଯାଇପାରେ।
- ନଡ଼ାରେ ମଞ୍ଜି ପ୍ରୟୋଗ କରିବା ପୂର୍ବରୁ ସେଥିରେ ଆନୁମାନିକ ୫୦-୬୦ ପ୍ରତିଶତ ଜଳୀୟ ଅଂଶ ରହିବା ଆବଶ୍ୟକ।
- ବର୍ତ୍ତମାନ ଛତୁ ମଞ୍ଜିକୁ ସମାନ ୪ ଭାଗ କରନ୍ତୁ।
- ଦୁଇ ମୁହଁ ଥିବା ପଲିଥିନ୍ ବ୍ୟାଗର ଗୋଟିଏ ମୁହଁ ବାନ୍ଧି ତା' ମଧ୍ୟରେ ଗୋଟିଏ ସ୍ତର ନଡ଼ା ବିଛାଇ ତା' ଉପରେ ଗୋଟିଏ ଲେଖାଏଁ ଭାଗ ମଞ୍ଜି ଓ ସିଝା ଗହମ ପ୍ରୟୋଗ କରନ୍ତୁ। ଏହିପରି ୪ ସ୍ତର କରି ସବା ଉପର ସ୍ତରକୁ କିଛି ନଡ଼ା ଦେଇ ଘୋଡ଼ାଇ ଦିଅନ୍ତୁ। ମଞ୍ଜି ପ୍ରୟୋଗ କଲାବେଳେ ସେଗୁଡ଼ିକ ଯେପରି ପ୍ରାୟତଃ ପଲିଥିନ୍ ବ୍ୟାଗର ଧାର ଆଡକୁ ରହେ, ସେଥିପ୍ରତି ଦୃଷ୍ଟି ଦେବାକୁ ହେବ।
- ପଲିଥିନ୍‌ର ଉପର ଖୋଲା ମୁହଁକୁ ବାନ୍ଧି ସେଥିରେ ଚାରିଆଡ଼େ ୧୫-୨୦ଟି ଛୋଟ ଛୋଟ କଣା କରିଦିଆଯାଏ। ଏହା ଦ୍ୱାରା ପଲିଥିନ୍ ବ୍ୟାଗ୍ ଓ ଏହାର ବାହ୍ୟ ପରିବେଶ ମଧ୍ୟରେ ଅମ୍ଳଜାନ-ଅଙ୍ଗାରକାମ୍ଳ ଗ୍ୟାସ୍ ଆଦାନପ୍ରଦାନ ସହଜ ହୋଇଥାଏ।
- ଏହିପରି ପ୍ରସ୍ତୁତ ପଲିଥିନ୍ ବ୍ୟାଗଗୁଡ଼ିକୁ ଏକ ପରିଷ୍କାର ପରିଚ୍ଛନ୍ନ ଥିବା ଅପେକ୍ଷାକୃତ ଅନ୍ଧାର ଘରେ ୧୫ଦିନ ପର୍ଯ୍ୟନ୍ତ ଫିମ୍ପି ମାଡ଼ିବା ପାଇଁ ଛାଡ଼ି ଦିଆଯାଏ। ଏହି ସମୟ ମଧ୍ୟରେ ନଡ଼ା ମଧ୍ୟରେ ଛତୁ ଫିମ୍ପି ସମ୍ପୂର୍ଣ୍ଣ ଭାବରେ ବିସ୍ତାରିତ ହୋଇ ଏକ ଧଳା ପିଣ୍ଡୁଳା ପରି ହୋଇଯାଏ।
- ବର୍ତ୍ତମାନ ପଲିଥିନ୍‌ରୁ ପିଣ୍ଡୁଳାଗୁଡ଼ିକୁ ବାହାର କରି ସେଗୁଡ଼ିକୁ ଅପକ୍ଷାକୃତ ଏକ ଖୋଲା ଘରେ ଶିକା କରି ଟାଙ୍ଗି ଦିଆଯାଏ।
- ଫିମ୍ପି ପିଣ୍ଡୁଳା କାଢ଼ିବାର ଦିନକ ପରେ ପାଣି ସ୍ପ୍ରେ କରି ଓଦା ରଖିବାକୁ ପଡ଼େ। ଦିନକୁ କେତେ ଥର ପାଣି ଦେବାକୁ ହେବ, ତାହା ନଡ଼ା ପିଣ୍ଡୁଳାରେ ଥିବା ଜଳୀୟ ଅଂଶ, ଘର ମଧ୍ୟରେ ପବନ ଚଳାଚଳ, ପାଣିପାଗର ଅବସ୍ଥା ଇତ୍ୟାଦି ଉପରେ ନିର୍ଭର କରିଥାଏ।
- ନଡ଼ାରେ ମଞ୍ଜି ପ୍ରୟୋଗର ୨୨ଦିନ ବେଳକୁ ବା ପଲିଥିନ୍‌ରୁ ନଡ଼ା ପିଣ୍ଡୁଳା ବାହାର କରିବାର ୭ ଦିନ ପରେ ଛତୁ କଢ଼ ଆସେ। ୩-୪ ଦିନ ପରେ ଏହା ଅମଳ ଯୋଗ୍ୟ






ହୁଏ। ପ୍ରଥମ ପର୍ଯ୍ୟାୟ ଛତୁ ଅମଳର ୭-୮ ଦିନ ପରେ ୨ୟ ଥର ଛତୁ ଫୁଟେ। ପ୍ରାୟ ଦୁଇ ମାସ ମଧ୍ୟରେ ସମୁଦାୟ ୩-୪ ଥର ଛତୁ ଫୁଟିଥାଏ।

- ପ୍ରଥମ ପର୍ଯ୍ୟାୟ ଛତୁ ଅମଳ ପରେ ନଡ଼ା ପିଣ୍ଡୁଳାକୁ ନଖ ବା ପାନିଆ ସାହାଯ୍ୟରେ ସାମାନ୍ୟ ଆମ୍ପୁଡ଼ି ଦେବା ଆବଶ୍ୟକ। ଏହାଦ୍ୱାରା ଅମଳ ପରେ ରହିଯାଇଥିବା ଛତୁ ଫିମ୍ପିର ବହଳ ଆବରଣ ବାହାରିଥାଏ ଓ ଫିମ୍ପି ସ୍ଥାଣୁ ନ ହୋଇ ପୁନର୍ବାର ସକ୍ରିୟ ହୋଇ ଅମଳ ବଢ଼ାଇବାରେ ସାହାଯ୍ୟ କରିଥାଏ।
- ଛତୁଟିର ଧାର ଭିତରକୁ ମୋଡ଼ି ହେବାର ଦେଖାଗଲେ ତା'ର ମୂଳକୁ ସାମାନ୍ୟ ଭାବରେ ମୋଡ଼ି ଦେଇ ଛତୁ ଅମଳ କରାଯାଏ। ଦୁଇ ମାସ ମଧ୍ୟରେ ଗୋଟିଏ ପଲିଥିନ ବ୍ୟାଗରୁ ୨ କିଲୋଗ୍ରାମ୍ ପର୍ଯ୍ୟନ୍ତ ଛତୁ ଅମଳ କରାଯାଇପାରେ।

## ଦୁଧ ଛତୁ

ଏହା ଏକ ଗ୍ରୀଷ୍ମମଣ୍ଡଳୀୟ ଖାଦ୍ୟପୋଯୋଗୀ ଛତୁ। ଭାରତର ପଶ୍ଚିମବଙ୍ଗରୁ ହିଁ ଏହି ଛତୁ ପ୍ରଥମେ ଆର୍.ପି. ପୂରକାୟସ୍ଥା ନାମକ ବୈଜ୍ଞାନିକଙ୍କ ଦ୍ୱାରା ୧୯୭୪ ମସିହାରେ ଆବିଷ୍କୃତ ହୋଇଥିଲା। ପ୍ରଥମ କୃତ୍ରିମ ଉତ୍ପାଦନ ଆରମ୍ଭ ହେଲା ୧୯୭୬ ମସିହାରେ। ଏହାର ରଙ୍ଗ ଦୁଧ ପରି ଧଳା ହୋଇଥିବାରୁ ଏହାର ଏପରି ନାମକରଣ କରାଯାଇଛି। ପାଳ ଛତୁ ପରି ଏହା ଉଚ୍ଚ ତାପମାତ୍ରାରେ ଚାଷ କରାଯାଇପାରେ। କୃତ୍ରିମ ଭାବରେ ଚାଷ କରାଯାଉଥିବା ଛତୁଗୁଡ଼ିକ



ତୁଳନାରେ ଏହା ଦେଖିବାକୁ ବେଶ୍ ବଡ଼। ସାଧାରଣ ଭାବରେ ଗୋଟିଏ ଛତୁର ହାରାହାରି ଓଜନ ୧୦୦ ରୁ ୨୦୦ ଗ୍ରାମ ହେଉଥିବା ବେଳେ ପରୀକ୍ଷାଗାରରେ ୭୦୦ରୁ ୮୦୦ ଗ୍ରାମର ଛତୁ ଉତ୍ପାଦିତ ହୋଇଥିବାରୁ ଦୃଷ୍ଟାନ୍ତ ରହିଛି। ଆମ ରାଜ୍ୟରେ ୧୯୯୪ ମସିହା ପ୍ରାରମ୍ଭରେ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ଦ୍ୱାରା ଏହାର ପରୀକ୍ଷାମୂଳକ ଚାଷ କରାଯାଇଥିଲା। ଚାଷ ପଦ୍ଧତିର ଅଧିକତର ବିକାଶ ସହିତ ଏହାର ବ୍ୟବସାୟିକ ଉତ୍ପାଦନ ପାଇଁ ବ୍ୟାପକ ଉଦ୍ୟମ ଆରମ୍ଭ କରାଯାଇଥିଲା। ପାଳ ଛତୁ ଓ ଧିଙ୍ଗିରୀ ଛତୁ ପରି ଅଦ୍ୟାବଧି ଏହା ସେପରି ଲୋକପ୍ରିୟ ହୋଇପାରିନଥିଲେ ମଧ୍ୟ ଚମତ୍କାର ଆକୃତି, ଆକର୍ଷଣୀୟ ରଙ୍ଗ, ବୃହତ୍ ଆକାର, ଉଚ୍ଚ ଉତ୍ପାଦିକା ଶକ୍ତି, ସରଳ ଚାଷ ପଦ୍ଧତି ଓ ଅନ୍ୟାନ୍ୟ ବିଶେଷତା ଯୋଗୁଁ ଏହା ଭବିଷ୍ୟତରେ ଉଭୟ ଚାଷୀ ଓ ଖାଉଟିମାନଙ୍କ ପାଖରେ ଆଦୃତି ଲାଭ କରିବ, ଏଥିରେ ସନ୍ଦେହ ନାହିଁ।

**ଖାଦ୍ୟଗୁଣ :** ଦୁଧ ଛତୁ ଖାଦ୍ୟଗୁଣରେ ପରିପୂର୍ଣ୍ଣ। ଉଦୟପୁର କୃଷି ବିଶ୍ୱବିଦ୍ୟାଳୟ ଡା.ଅନିଲା ଦୋଷୀଙ୍କ ବିଶ୍ଳେଷଣ ଅନୁଯାୟୀ ଶୁଖିଲା ଓଜନ ଭିତ୍ତିରେ ଏଥିରେ ଶତକଡ଼ା ୧୭.୬୯ ଭାଗ ପୁଷ୍ଟିସାର, ୬୪.୨୬ ଭାଗ ଶ୍ୱେତସାର, ୪.୧ ଭାଗ ଚର୍ବି ଓ ୩.୨ ଭାଗ ତନ୍ତୁଜାତୀୟ ପଦାର୍ଥ ଥାଏ। ଏହା ବ୍ୟତୀତ ମନୁଷ୍ୟ ଶରୀର ପାଇଁ ଆବଶ୍ୟକ ଅନେକ ଉପାଦେୟ ଧାତବ ଲବଣ ମଧ୍ୟ ଛତୁରେ ରହିଛି। ଏଗୁଡ଼ିକ ମଧ୍ୟରେ ପୋଟାସିୟମ, କ୍ୟାଲିୟମ, ଫସ୍‌ଫରସ୍ ଓ ଲୌହ ଇତ୍ୟାଦି ପ୍ରଧାନ।

**ପାଣିପାଗ :** ଓଡ଼ିଶାର ଜଳବାୟୁ ଦୁଧ ଛତୁ ଚାଷ ପାଇଁ ବିଶେଷ ଉପଯୋଗୀ। ଛତୁ ଚାଷ ପାଇଁ ପାଳ ଛତୁ ପରି ପାଣିପାଗ ଆବଶ୍ୟକ ହୋଇଥାଏ। ଛତୁ ଘର ମଧ୍ୟରେ ୨୫ରୁ ୩୭ ଡିଗ୍ରୀ ସେଲ୍‌ସିୟସ ତାପମାତ୍ରା ଓ ବାୟୁରେ ଆପେକ୍ଷିତ ଆର୍ଦ୍ରତା ୯୦ ପ୍ରତିଶତରୁ ଅଧିକ ରହିଲେ ଭଲ ଉତ୍ପାଦନ ମିଳେ। ଘର ମଧ୍ୟରେ ପବନ ଚଳାଚଳର ପରିମାଣ ଓ ବେଶ ନିୟନ୍ତ୍ରଣ ହେବା ଦରକାର। ଆମ ରାଜ୍ୟରେ ମାର୍ଚ୍ଚ ମାସରୁ ଅକ୍ଟୋବର ମାସ ମଧ୍ୟରେ ଦୁଧ ଛତୁ ଚାଷ କରାଯାଇପାରିବ।

**ଚାଷ ପାଇଁ ଉପାଦାନ :** ପାଳ ଛତୁ ପରି ଦୁଧ ଛତୁର ପାଣିପାଗର ଆବଶ୍ୟକତା ପ୍ରାୟ ଏକାପରି ହୋଇଥିଲେ ମଧ୍ୟ ଦୁଧ ଛତୁର ଚାଷ ପ୍ରଣାଳୀ ଧିଙ୍ଗିରୀ ଛତୁ ପରି ହୋଇଥାଏ। ୬୦ସେମି x ୪୦ ସେମି ପଲିଥିନ୍ ବ୍ୟାଗ ମଧ୍ୟରେ ଦୁଧ ଛତୁ ଚାଷ କରାଯାଇଥାଏ। ଏ ପ୍ରକାର ଗୋଟିଏ ବ୍ୟାଗ ପାଇଁ ୨/୩ ବିଡ଼ା ନଡ଼ା (ପ୍ରାୟ ୧ କିଗ୍ରା) ଓ ଗୋଟିଏ ବୋତଲ ଛତୁ ମଞ୍ଜି (୨୦୦ ଗ୍ରାମ) ଆବଶ୍ୟକ ହୋଇଥାଏ।





**ଚାଷ ପ୍ରଣାଳୀ :**

ପ୍ରଥମେ ଭଲ ନଡ଼ା ସଂଗ୍ରହ କରି ସେଥିରୁ ପତ୍ର ଅଂଶ ଅଲଗା କରିଦିଆଯାଏ ଓ ନଡ଼ାକୁ ୨-୩ ଇଞ୍ଚ ଆକାରରେ କାଟି ପରିଷ୍କାର ପାଣିରେ ୬ରୁ ୮ ଘଣ୍ଟା ବତୁରାଯାଏ। ଭିଜା ନଡ଼ାକୁ ୩୦ରୁ ୪୫ ମିନିଟ୍ ପର୍ଯ୍ୟନ୍ତ ସିଝାଇ ବିଶୋଧନ କରିବା ଆବଶ୍ୟକ। ଏହା ଦ୍ୱାରା ନଡ଼ାରେ ଅଦରକାରୀ ଫିମ୍ପିମାନଙ୍କର ସଂଖ୍ୟା ହ୍ରାସ ପାଇଥାଏ। ଏହାପରେ ନଡ଼ାକୁ ପରିଷ୍କାର ଚଟାଣ ବା ପଲିଥିନ ଉପରେ ପତଳା ଭାବରେ ଖେଳାଇ ପବନରେ ଶୁଖାଇ ଦିଆଯାଏ, ଯେପରି ବ୍ୟବହାର କରିବା ପୂର୍ବରୁ ଏଥିରେ ୫୦ରୁ ୫୫ ପ୍ରତିଶତ ଆର୍ଦ୍ରତା ବା ବତର ରହିପାରିବ। ବର୍ତ୍ତମାନ ଛତୁ ବିହନକୁ ବୋତଲରୁ ବାହାର କରି ତାକୁ ୩ ଭାଗ କରନ୍ତୁ। ପଲିଥିନ୍ ବ୍ୟାଗରେ ୩ ଇଞ୍ଚ ବହଳର ନଡ଼ା ବିଛାଇ ତା' ଉପରେ ଗୋଟିଏ ଭାଗ ବିହନ ପ୍ରୟୋଗ କରନ୍ତୁ । ଏହିପରି ତିନି ସ୍ତର କରନ୍ତୁ। ୩ୟ ସ୍ତର ନଡ଼ା ଉପରେ ପତଳା ଭାବରେ ଏକ ଇଞ୍ଚ ବହଳର ନଡ଼ା ବିଛାଇ ପଲିଥିନ୍‌ର ମୁହଁ ବନ୍ଦ କରିଦିଅନ୍ତୁ। ଏହାପରେ ପଲିଥିନ୍‌ର ଚାରିପଟେ ୧୫-୨୦ଟି କଣା କରନ୍ତୁ। ଏହିପରି ପ୍ରସ୍ତୁତ ବ୍ୟାଗଗୁଡ଼ିକୁ ଛତୁ ଘର ମଧ୍ୟରେ ଆବଶ୍ୟକ ଉତ୍ତାପ ଓ ଆର୍ଦ୍ରତା ମଧ୍ୟରେ ଫିମ୍ପି ମାଡ଼ିବା ପାଇଁ ଛାଡ଼ି ଦିଅନ୍ତୁ। ପ୍ରାୟ ୧୫ଦିନ ମଧ୍ୟରେ ଦୁଧ ଛତୁ ଫିମ୍ପିଗୁଡ଼ିକ ପଲିଥିନ୍ ବ୍ୟାଗ ମଧ୍ୟରେ ଥିବା ନଡ଼ାରେ ଭଲ ଭାବରେ ମାଡ଼ିଯାଏ ଓ ବ୍ୟାଗଟି ବାହାରକୁ ଧଳା ଜଣାପଡ଼େ। ଏହା ପରେ ବ୍ୟାଗର ଉପର ମୁହଁ ଖୋଲି ପଲିଥିନ୍‌ଟିକୁ ବାହାର ଆଡକୁ ମୋଡ଼ି ଦିଅନ୍ତୁ ଯେପରିକି ନଡ଼ାର ଉପରସ୍ତର ଭଲ ଭାବରେ ବାହାରକୁ ଦେଖାଯିବ। ବ୍ୟାଗ୍ ଖୋଲିବା ପରେ ଓ ଶେଷ ପର୍ଯ୍ୟାୟ ଅମଳ ପର୍ଯ୍ୟନ୍ତ ପ୍ରତିଦିନ ପାଣି ଦେଇ ଆବଶ୍ୟକ ଆର୍ଦ୍ରତା ରକ୍ଷା କରନ୍ତୁ। ବ୍ୟାଗ୍ ଖୋଲିସାରିବା ପରେ ନଡ଼ାର ଉପରସ୍ତରରେ ପ୍ରାୟ ୧ ଇଞ୍ଚ ବହଳର ପୁରୁଣା ବିଶୋଧିତ ଜିଆ ଖତ ବା ଗୋବରଖତ ବିଛାଯାଇପାରେ। ଏହାକୁ କ୍ୟାସିଙ୍ଗ କହନ୍ତି। ମାଟି ଓ ଖତକୁ ସମାନ ଅନୁପାତରେ (୧:୧) ମିଶାଇ କ୍ୟାସିଙ୍ଗ ସ୍ତର ଭାବରେ ବ୍ୟବହାର କରାଯାଏ।

**ଅମଳ :** ବ୍ୟାଗ୍ ଖୋଲିବାର ପ୍ରାୟ ୧୫-୨୦ ଦିନ ପରେ ଅର୍ଥାତ୍ ବ୍ୟାଗ୍ ପ୍ରସ୍ତୁତିର ୩୦-୩୫ ଦିନ ମଧ୍ୟରେ ଦୁଧ ଛତୁ କଢ଼ ସବୁ ବାହାରେ ଓ ପ୍ରାୟ ୫-୭ ଦିନ ମଧ୍ୟରେ ଖାଇବା ଉପଯୋଗୀ ହୋଇଥାଏ। ପ୍ରାଥମିକ ପର୍ଯ୍ୟାୟରେ କଢ଼ଗୁଡ଼ିକର ମଝି ଅଂଶ ଅନ୍ୟାନ୍ୟ ଅଂଶଠାରୁ ଅଧିକ ଫୁଲିଥିବାର ଦେଖାଯାଇଥାଏ। ଗୋଟିଏ ପୂର୍ଣ୍ଣ ବୃଦ୍ଧିପ୍ରାପ୍ତ ଛତୁର ଟୋପି ୮ରୁ ୧୦ ସେମି ହୋଇଥାଏ। ପ୍ରଥମ ପର୍ଯ୍ୟାୟରେ ଫୁଟିଥିବା ଛତୁ ଏକାଥରରେ ଅମଳ କରିଦେବା ଦରକାର। ପୂର୍ବରୁ ବର୍ଣ୍ଣିତ ଚାଷ ସମ୍ବନ୍ଧୀୟ ଅନେକ ସାବଧାନତା ରକ୍ଷା କରାଯାଇଥାଏ।

## ଦୁଧ ଛତୁର ବୈଶିଷ୍ଟ୍ୟ :

୧. ଚମତ୍କାର ଆକୃତି, ଲୋଭନୀୟ ରଙ୍ଗ, ବୃହତ୍ ଆକାର ପ୍ରଭୃତି ବୈଶିଷ୍ଟ୍ୟ ଦୁଧ ଛତୁ ଖାଉଟିମାନଙ୍କ ପାଖରେ ଆଦର ଲାଭ କରିପାରିବ।

୨. ଦୁଧ ଛତୁର ଚାଷ ପ୍ରଣାଳୀ ଅତ୍ୟନ୍ତ ସରଳ ଏବଂ ଏଥିପାଇଁ ବହୁତ କମ୍ ଖର୍ଚ୍ଚର ଆବଶ୍ୟକତା ପଡ଼େ।

୩. ଅମଳ କରିସାରିବା ପରେ ଦୁଧ ଛତୁ ୩-୪ ଦିନ ପର୍ଯ୍ୟନ୍ତ କୌଣସି କୃତ୍ରିମ ବ୍ୟବସ୍ଥା ବିନା ସତେଜ ରହିପାରେ। ପାଳ ଛତୁ ଓ ଧିଙ୍ଗିରୀ ଛତୁ ଯଥାକ୍ରମେ ୧୦-୧୨ ଘଣ୍ଟା ଓ ୨୪ ଘଣ୍ଟା ପର୍ଯ୍ୟନ୍ତ ତଟକା ରହିଥାଏ।

୪. ପାଳ ଛତୁ ଓ ଧିଙ୍ଗିରୀ ଛତୁ ରାନ୍ଧି ସାରିଲା ପରେ ତା'ର ପରିମାଣ ଏତେ କମିଯାଏ ଯେ ସେଥିରୁ ପ୍ରସ୍ତୁତ ବ୍ୟଞ୍ଜନରେ ପରିବାରର ସମସ୍ତଙ୍କର ଆବଶ୍ୟକତା ପୂରଣ କରିବା କଷ୍ଟକର ହୋଇଥାଏ। ମାତ୍ର ସେହି ପରିମାଣର ଦୁଧ ଛତୁ ବ୍ୟବହାର କରି ପରିବାରର ଚାହିଦା ପୂରଣ କରାଯାଇପାରେ। ରାନ୍ଧି ସାରିଲା ପରେ ଏହାର ଆକାର ବେଶୀ ସଙ୍କୁଚିତ ହୁଏ ନାହିଁ ଓ ସ୍ୱାଦ ଭଲ ଲାଗେ।

୫. ଆମ ରାଜ୍ୟରେ ବର୍ଷର ଅଧିକାଂଶ ସମୟ ଅର୍ଥାତ୍ ୮-୯ ମାସ ଦୁଧ ଛତୁ ଚାଷ କରାଯାଇପାରିବ।

୬. ଦୁଧ ଛତୁର ଜୈବ ଦକ୍ଷତା ଅଧିକ। ଗୋଟିଏ କିଲୋଗ୍ରାମ ଶୁଖିଲା ନଡ଼ାରୁ ୧୦୦ରୁ ୧୫୦ ଗ୍ରାମ୍ ପାଳ ଛତୁ ଅମଳ ହୋଇପାରୁଥିବା ବେଳେ ସେଥିରୁ ୬୦୦ରୁ ୮୦୦ ଗ୍ରାମ ଦୁଧ ଛତୁ ଉତ୍ପାଦିତ ହୋଇପାରେ।

୭. ପାଳ ଛତୁ ଓ ଦୁଧ ଛତୁ ଏକ ସମୟରେ ଚାଷ କରାଯାଉଥିବାରୁ ପାଳ ଛତୁ ଭାଡ଼ି ପ୍ରସ୍ତୁତ ବେଳେ ନଡ଼ା ବିଡ଼ାର ଅଗ, ମୂଳ କାଟି ସାଇଜ୍ କରିବା ପରେ ବାହାରୁଥିବା କଟା ନଡ଼ାକୁ ବ୍ୟବହାର କରି ଦୁଧ ଛତୁ ଚାଷ କରାଯାଇପାରିବ।